**ନାବାଳିକା ଅପହରଣ ମାମଲା, ଯୁବକ ଗିରଫ**

ଜୟପୁର,(ପବନ ପାଣିଗ୍ରାହୀ)- ଜଣେ ନାବାଳିକାଙ୍କୁ ଅପହରଣ ସହ ବଳାତ୍କାର ଅଭିଯୋଗରେ ଜୟପୁର ଟାଉନ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବାପୁଜି ନଗର ଅଞ୍ଚଳର ସାଗର ନାୟକ। ସୂଚନା ଅନୁଯାୟୀ, ୨୬ ତାରିଖରେ ଜଣେ ନାବାଳିକା ଅପହରଣ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଟାଉନ ଥାନାଧିକାରୀ ଉଲ୍ଲାସ ରାଉତ ପ୍ରକାଶ କରିଛନ୍ତି।

## ଜଗନ୍ନାଥ ମନ୍ଦିରରେ ନୃସିଂହଙ୍କ ଜନ୍ମନୀତି ପାଳିତ

ନନ୍ଦପୁର,୩୦।୪ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ନନ୍ଦପୁରସ୍ଥିତ ଐତିହାସିକ ଜଗନ୍ନାଥ ମନ୍ଦିରରେ ନୃସିଂହ ଚତୁର୍ଦ୍ଦଶୀ ତଥା ଜନ୍ମନୀତି ପାଳନ କରାଯାଇଛି। ଭୂଦେବୀ, ଶ୍ରୀଦେବୀ ଓ ମଦନମୋହନ ଚନ୍ଦନ ଯାତ୍ରା ବିଧି ସାରି ସନ୍ଧ୍ୟାଧୂପ ନୀତି କରାଯାଇଛି। ପୂଜକ ପୁରୋହିତ ଓ ସେବାୟତ ମନ୍ଦିର ବେଢାରେ ଥିବା ନୃସିଂହଙ୍କ ପ୍ରତିମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା କରିଥିଲେ। ପୁରୋହିତ ରାଜକିଶୋର ରଥ, ପୂଜକ ଅନିଲ ପଣ୍ଡା, ସିଦ୍ଧାର୍ଥ କୁମାର ପଣ୍ଡା, ଜ୍ୟୋତି ରଞ୍ଜନ ପଣ୍ଡା ପ୍ରମୁଖ କଳସ ପୂଜନ ଓ ନୃସିଂହଙ୍କ ଆବାହନ କରିଥିଲେ। ଅମୃତ କୁଣ୍ଡ ପଣା ଭୋଗ ଲାଗି ହୋଇଥିଲା। ଆଳତି ପରେ ଜନ୍ମନୀତି ପୂଜା ହୋଇଥିଲା। ଉକ୍ତ ପଣା ଭୋଗ ବିମାନ ସେବାୟତ ଓ ଭକ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ତଥା ଦେବୋତ୍ତର କମିଟି ସଦସ୍ୟ ଲୋକନାଥ ଚୌଧୁରୀ, ତୁଷାର କାନ୍ତ ମହାନ୍ତି, ଲିଙ୍ଗରାଜ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅବସର ପରେ ଖବରଦାତାଙ୍କୁ ସ୍ୱାସ୍ଥ୍ୟବୀମା ପ୍ରଦାନ ଦାବି

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖବରଦାତାଙ୍କ ଦାବିପତ୍ର**

କୋରାପୁଟ/ଦାମନଯୋଡ଼ି, ୩୦।୪ (ଅମିତାଭ ବେହେରା/ନରସିଂହ ବ୍ରହ୍ମା)

ଖବରଦାତାମାନଙ୍କ ୬ ଦଫା ସମ୍ବଳିତ ବିଭିନ୍ନ ଦାବିନେଇ କୋରାପୁଟ ଜିଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ପ୍ରଦାନ କରାଯାଇଛି। ସଂଘର କୋରାପୁଟ ଜିଲା ଶାଖା ପକ୍ଷରୁ ଶୋଭାଯାତ୍ରା କରାଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଏ ଯାଇଥିଲେ। ଅବସର ପରେ ଖବରଦାତାମାନଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିବା, ମୃତ୍ୟୁକାଳୀନ ସହାୟତା ୪ରୁ ୧୦ଲକ୍ଷକୁ ବୃଦ୍ଧି,ରାଜ୍ୟର ବିଭିନ୍ନ ଜିଲାରୁ ଭୁବନେଶର ଆସୁଥିବା ଖବରଦାତାମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ରହଣି ନେଇ ଏକ ସାମ୍ବାଦିକ ଭବନ ନିର୍ମାଣ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମାରେ ପିତାମାତାଙ୍କ ସହ ୨୫ ବର୍ଷରୁ ଉର୍ଦ୍ଧ୍ୱ ଝିଅପୁଅଙ୍କ ବୀମା ଲାଗୁ କରିବା ଆଦି ୬ ଦଫା ଦାବି ଉଲ୍ଲେଖ କରାଯାଇଛି। ଏହି ସମୟରେ ସମ୍ପାଦକ ନୃସିଂହ ଚରଣ ବ୍ରହ୍ମାଙ୍କ ସହ ବରିଷ୍ଠ ଖବରଦାତା ବିନୋଦ ମହାପାତ୍ର ଓ ବିଭିନ୍ନ ବ୍ଲକର ଖବରଦାତା ଉପସ୍ଥିତ ଥିଲେ।



ଉତ୍କଳ ସାମ୍ବାଦିକ ସଂଘର ସଦସ୍ୟମାନେ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ନୃସିଂହ ଜନ୍ମ ଉତ୍ସବ ପାଳିତ

ଜୟପୁର,୩୦।୪ (ପବନ ପାଣିଗ୍ରାହୀ)



କୋରାପୁଟ ଜିଲା ଜୟପୁର କଣ୍ଡରା ସାହିସ୍ଥିତ ଲକ୍ଷ୍ମୀ ନୃସିଂହ ମନ୍ଦିର ଓ ରାଜୁ ସାହିସ୍ଥିତ ବାବା ବୈଦନାଥ ମନ୍ଦିର ପରିସରରେ ନୃସିଂହ ଜନ୍ମ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ସ୍ୱତନ୍ତ୍ର ନୀତିକାନ୍ତି, ହୋମ, ପୂଜାପାଠ ସହ ଭୋଗ ଲାଗି କରାଯାଇଛି। ଭକ୍ତମାନେ ମନ୍ଦିରରେ ଲକ୍ଷ୍ମୀ ନୃସିଂହଙ୍କ ଦର୍ଶନ କରିଥିଲେ। ଚଳିତବର୍ଷ ରୀତିନୀତି ଅନୁସାରେ ନୃସିଂହ ଜନ୍ମ ଉତ୍ସବ ପାଳନ କରାଯାଇଥିବା ମୁଖ୍ୟ ପୂଜକ ସୁନିଲ ଆଚାର୍ଯ୍ୟ ଓ ସଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ଜୟପୁର କଣ୍ଡରା ସାହିସ୍ଥିତ ଲକ୍ଷ୍ମୀ ନୃସିଂହ ମନ୍ଦିରରେ ସ୍ୱତନ୍ତ୍ର ଆଳତୀ କରାଯାଇଛି।

## ଅବସର ଦିନ ଶିକ୍ଷକଙ୍କୁ ଫାଇନାଲ ପେନ୍‌ସନ



ନନ୍ଦପୁର,୩୦।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅଧୀନ କରେଇପୁଟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପୀତାମ୍ବର ସ୍ୱାଇଁଙ୍କୁ ଅବସରଦିନ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଫାଇନାଲ ପେନ୍‌ସନ ପ୍ରଦାନ କରାଯାଇଛି। ନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ, ସହକାରୀ ଶିକ୍ଷାଧିକାରୀ ମମତାଜ ଗମାଙ୍ଗ, ସିଆର୍‌ସିସି ପ୍ରଶାନ୍ତ କନ୍ଧପାନ କିରାଣିଙ୍କୁ ଅବସରପତ୍ର ସହ ପେନ୍‌ସନ କାଗଜ ପତ୍ର ପ୍ରଦାନ କରିଥିଲେ।

## ୪ ଦୁର୍ଗମ ଗ୍ରାମର ୫୯ ଜଣଙ୍କୁ ମିଳିବ ଜନ୍ମ ପ୍ରମାଣପତ୍ର



କ୍ୟାମ୍ପରେ ବାସିନ୍ଦା ପ୍ରମାଣପତ୍ର ବଣ୍ଟନ କରାଯାଉଛି।

ଗୁଡାରି , ୩୦।୪ (ପ୍ରମୋଦ କୁମାର ପତି )

**ରେଙ୍ଗାପଦର ଗ୍ରାମରେ ତହସିଲ ବିଭାଗର କ୍ୟାମ୍ପ**

ରାୟଗଡା ଜିଲା ଗୁଡାରି ତହସିଲଦାର ଏ. ସ୍ନେହଲତାଙ୍କ ନେତୃତ୍ୱରେ କାର୍ଯ୍ୟାଳୟର ଏକ ଟିମ୍ ବ୍ଲକର ଦୁର୍ଗମ ଅଞ୍ଚଳ ରେଙ୍ଗାପଦର ଗ୍ରାମରେ ଗୁରୁବାର କ୍ୟାମ୍ପ କରିଥିଲେ। ପୂର୍ବରୁ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମଧୁବନ ଲାଖବେଟା, କେପିଟି, କରଲାଗୁଡ଼ି ଏବଂ ରେଙ୍ଗାପଦର ଗ୍ରାମର ବାସିନ୍ଦାଙ୍କୁ ଆଧାର କାର୍ଡ ପ୍ରଦାନ ନିମନ୍ତେ ବାସିନ୍ଦା ପ୍ରମାଣପତ୍ର ପାଇଁ ନିଜେ ଆବେଦନ କରିଥିଲେ। ଗୁରୁବାର ଏହି ୪ ଗ୍ରାମର ୫୯ ଜଣଙ୍କୁ ତହସିଲଦାରଙ୍କ ଉପସ୍ଥିତିରେ ବାସିନ୍ଦା ପ୍ରମାଣପତ୍ର ପ୍ରଦାନ କରାଯିବା ସହ ଜନ୍ମ ପ୍ରମାଣ ପତ୍ର ପାଇଁ ଆବେଦନ କରାଯାଇଥିବା ସୂଚନା ମିଳିଛି।

କିଛି ଦିନ ପୂର୍ବେ ଜିଲାପାଳ ଓ ଉପଜିଲାପାଳ ଉପରୋକ୍ତ ଗ୍ରାମ ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝିଥିଲେ। ବିଡ଼ିଓ ସୁଚିସ୍ମିତା ବେହେରା ଓ ତହସିଲଦାର ମିଳିତ ଭାବେ ଏହି ଗ୍ରାମରେ ସରକାରଙ୍କ ସମସ୍ତ ଯୋଜନା ପହଞ୍ଚାଇବା ନିମନ୍ତେ ଉଦ୍ୟମ ଜାରି ରଖିଛନ୍ତି। ଉଭୟ ଏହି ଗ୍ରାମ ଗସ୍ତ କରି ପ୍ରଥମେ ସେମାନଙ୍କ ଆଧାର କାର୍ଡ କରିବା ପାଇଁ ଉଦ୍ୟମ କରିଛନ୍ତି। ବାସିନ୍ଦା ପ୍ରମାଣପତ୍ର ଓ ଜନ୍ମ ପ୍ରମାଣ ପତ୍ର ପାଇବା ପରେ ସେଠାରେ ଆଧାର କ୍ୟାମ୍ପ କରି ଆଧାର କାର୍ଡ ପ୍ରଦାନ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି । ଏହାଛଡ଼ା ବ୍ଲକର ସମସ୍ତ ଅପହଞ୍ଚ ଗ୍ରାମରେ ପର୍ଯ୍ୟାୟ କ୍ରମେ ଆଧାର କ୍ୟାମ୍ପ କରାଯିବ ବୋଲି ସେ କହିଛନ୍ତି। ପୂର୍ବରୁ ପଞ୍ଜିକୃତ ହୋଇଥିବା ୫ ବର୍ଷରୁ କମ୍ ୩୫ ଜଣ ପିଲାଙ୍କୁ ଜନ୍ମପ୍ରମାଣପତ୍ର ପ୍ରଦାନ କରାଯାଇଛି। ମୋବାଇଲ ନେଟୱାର୍କ ସମସ୍ୟା ଯୋଗୁ ଏହି ଅନ୍‌ଲାଇନ କାର୍ଯ୍ୟ କରିବା କଷ୍ଟସାଧ୍ୟ ହେଲେ ମଧ୍ୟ ତହସିଲ କର୍ମଚାରୀଙ୍କ ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ସୁପରଭାଇଜର ମନୋଜ ଗମାଙ୍ଗ, ଢେପାଗୁଡା ରାଜସ୍ୱ ନିରୀକ୍ଷକ ବିଶ୍ୱନାଥ ସନ୍ତୋଷ କୁମାର, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଶଶୀ କୁମାର ବେହେରା, ମଧୁବନ ସରପଞ୍ଚ ବଂଶୀ ଶବର, ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ତହସିଲ କାର୍ଯ୍ୟାଳୟର କର୍ମଚାରି ସୁଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମାଟି ସଂଗ୍ରହ ବେଳେ ଅତଡ଼ା ଧସି ମହିଳାଙ୍କ ମୃତ୍ୟୁ, ୨ ଆହତ

ନନ୍ଦପୁର,୩୦।୪(ତୁଷାର କାନ୍ତ ମହାନ୍ତି)



କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ହିକିମପୁଟ ପଞ୍ଚାୟତ ନୀଳଦୋରାପୁଟ ଗ୍ରାମ ନିକଟ ଗଙ୍ଗାନାଳ କଡ଼ରୁ ମାଟି ସଂଗ୍ରହ କରୁଥିବା ବେଳେ ମାଟି ଅତଡ଼ା ଧସି ଜଣେ ମହିଳାଙ୍କ ଗୁରୁବାର ମୃତ୍ୟୁ ହୋଇଛି। ମୃତକ ହେଲେ କଟଲାପୁଟ ଗ୍ରାମର ପୁଷ୍ପ ମାଳିଙ୍କ ସ୍ତ୍ରୀ ଗୁପ୍ତେଶ୍ୱରୀ(୨୧)। ଏଥିରେ ତାଙ୍କ ଭାଉଜ କମାରବେଲଗାଁ ଗ୍ରାମର ମାଳତୀ ଖିଲ(୨୮) ଓ ଝିଅାରୀ କାଞ୍ଚନ ଛୋଡ଼ିଆ(୧୩) ଆହତ ହୋଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

ସୂଚନାନୁଯାୟୀ, ଗୁପ୍ତେଶରୀ, ସ୍ୱାମୀ ଓ ଦିବ୍ୟାଙ୍ଗ ପୁଅକୁ ସହି ବାପଘର କମାରବେଲଗାଁ ବୁଲି ଆସିଥିଲେ। ଗୁରୁବାର ଶାଶୁଘରକୁ ଫେରିବା ବାଟରେ ଘରଲିପା ମାଟି ସଂଗ୍ରହ କରିବାକୁ ଭାଇ, ଭାଉଜ ଓ ଝିଅାରୀଙ୍କ ସହ ନୀଳ ଦୋରାପୁଟ ଗଙ୍ଗାନାଳ ନିକଟରେ ପହଞ୍ଚିଥିଲେ। ଭାଉଜ ମାଳତୀ, ଜୟନ୍ତୀ ନାୟକ, ଝିଅାରୀ କାଞ୍ଚନ ଛଡ଼ିଆ, ଅମ୍ବିକା ଛଡ଼ିଆ ପ୍ରମୁଖଙ୍କ ସହ ନାଳ ତଳଦେଶକୁ ଯାଇ ମାଟି ସଂଗ୍ରହ କରୁଥିଲେ। ଏହି ସମୟରେ ମାଟି ଅତଡ଼ା ଖସି ୩ଜଣଙ୍କ ଉପରେ ପଡ଼ିଥିଲା। ଏଥିରେ ଗୁପ୍ତେଶ୍ୱରୀଙ୍କ ଭାଉଜ ଓ ଝିଅାରୀ ଅଳ୍ପକେ ବର୍ତ୍ତିଯାଇ ବାହାରକୁ ବାହାରି ଆସି ପାଟି କରିବାରୁ ଗୁପ୍ତେଶ୍ୱରୀଙ୍କ ସ୍ୱାମୀ ଓ ଭାଇ ତାଙ୍କୁ ଉଦ୍ଧାରକରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୧/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଏସ୍‌ଆଇ ଗୁପ୍ତେଶ୍ୱର ଗୌଡ଼ ତଦନ୍ତ କରୁଛନ୍ତି। ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ମଲିବେଲଗାଁ ସରପଞ୍ଚ ପ୍ରହ୍ଲାଦ ମୁଦୁଲି ଓ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଘଟଣା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ନିର୍ଦ୍ଦେଶ ମୁତାବକ ସହାୟତା ପ୍ରଦାନ କରାଯିବ ବୋଲି ସ୍ଥାନୀୟ ତହସିଲଦାର ଦେବବ୍ରତ ମହାରଣା କହିଛନ୍ତି।

## ପ୍ରିନ୍ସିପାଲମାନଙ୍କୁ ପ୍ରଶିକ୍ଷଣ, ପୁସ୍ତକ ବଣ୍ଟନ




କାର୍ଯ୍ୟକ୍ରମ ସମ୍ପର୍କରେ ନବରଙ୍ଗପୁର ଡିଇଓ ଅଭିଭାଷଣ ଦେଉଛନ୍ତି।

ନବରଙ୍ଗପୁର,୩୦।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁରସ୍ଥିତ ପୌର ଉଚ୍ଚ ବିଦ୍ୟାଳୟରେ ଜିଲାର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରିନ୍ସିପାଲମାନଙ୍କ ପ୍ରଶିକ୍ଷଣ ଓ ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଜାତୀୟ ଶିକ୍ଷାନୀତି ଆଧାରରେ ଚଳିତ ଶିକ୍ଷାବର୍ଷରୁ ଉଚ୍ଚ ମାଧ୍ୟମିକ ଏକାଦଶ ଶ୍ରେଣୀରେ ବିଜ୍ଞାନ ବିଭାଗରେ ପଢ଼ିବା ନିମନ୍ତେ ଓଡ଼ିଆ ପାଠ୍ୟ ପୁସ୍ତକ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ଦ୍ୱାରା ପ୍ରସ୍ତୁତ କରାଯାଇଛି। ନବରଙ୍ଗପୁର ଜିଲାର ଛାତ୍ରୀଛାତ୍ର ଏହି ଓଡ଼ିଆ ପାଠ୍ୟ ପୁସ୍ତକ ଦ୍ୱାରା ବିଶେଷ ଉପକୃତ ହୋଇପାରିବେ। କାର୍ଯ୍ୟକ୍ରମରେ ଓଡିଆ ପାଠ୍ୟ ପୁସ୍ତକ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ବିଜୟ ପ୍ରଧାନ ଯୋଗଦେଇ ଏହି ପାଠ୍ୟ ପୁସ୍ତକ କିଭଳି ଛାତ୍ରୀ ଛାତ୍ର ମାନେ ଭୟ ମୁକ୍ତ ହୋଇ ପାଠ ପଢ଼ିପାରିବେ ବୁଝାଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୁପ୍ରିୟା ନାୟକ ଓ ଶ୍ରୀକାନ୍ତ ଜାନୀ କହିଥିଲେ ଯେ, ଆଦିବାସୀ ଅଞ୍ଚଳର ଛାତ୍ରୀଛାତ୍ର ଭାଷା ଗତ ସମସ୍ୟା ର ସମ୍ମୁଖୀନ ହେଉଥିବା ବେଳେ ଏହା ସେମାନଙ୍କ ପାଇଁ ବେଶ୍ ଉପାଦେୟ ହେବ। ନବରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଗୋବିନ୍ଦା ରାଓ ମଞ୍ଚାସୀନ ଥିଲେ। କର୍ଚ୍ଚାମଲ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ ଷଡ଼ଙ୍ଗୀ, ନନ୍ଦାହାଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ସୁନାନୀ, ସିନ୍ଧିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତନମି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସମସ୍ତଙ୍କୁ ବିଦ୍ୟାଳୟ ଲାଇବ୍ରେରୀ ପାଇଁ ୧୦ସେଟ୍ ବହି ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ମୀନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତ ରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ।

## ଶବଦାହ ମେଶିନ କାର୍ଯ୍ୟକ୍ଷମ ନେଇ ପରିଷଦର ବୈଠକ

କୋଟପାଡ଼,୩୦।୪(କେ.ରାଜଶେଖର ରାଓ)

**ଧରିତ୍ରୀ ପ୍ରଭାବ**

କୋରାପୁଟ ଜିଲା କୋଟପାଡ଼ ହାଟପଦା ନିକଟ ଚକ୍ରକୋଟ ଶିବ ମନ୍ଦିର ପଛ ପାର୍ଶ୍ୱରେ ଇଲେକ୍‌ଟ୍ରିକ୍ ଶବଦାହ ମେଶିନ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ୨ ସମାଜର ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ମେଶିନ ଅଚଳ ପଡ଼ିଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମେଶିନ କାର୍ଯ୍ୟକ୍ଷମ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଅଧିକାରୀ କେବଳ ୨ ସମାଜର ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରିଥିବାରୁ ଏହା ସର୍ବସାଧାରଣ ପାଇଁ ନା ୨ ସମାଜ ନିମନ୍ତେ ହୋଇଛି ଏ ନେଇ ପ୍ରଶ୍ନ ଉଠିଛି। ଉକ୍ତ ମେଶିନ ଲଗାଇବା ପାଇଁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ପରିଷଦ ଜରିଆରେ ଖର୍ଚ୍ଚ କରାଯାଇଛି। ଏଥିଯୋଗୁ ପରିଷଦ ସର୍ବସାଧାରଣଙ୍କ ପାଇଁ ଉର୍ଦ୍ଦିଷ୍ଟ ବୋଲି ଘୋଷଣା କରନ୍ତୁ ବୋଲି ଦାବି ହୋଇଛି। ଏ ସମ୍ପର୍କରେ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କମଲେଶ ମହନ୍ତଙ୍କୁ ଯୋଗାଯୋଗ କରିବାରୁ ଉକ୍ତ ମେଶିନ ସର୍ବସାଧାରଣଙ୍କ କି କେବଳ ୨ ସମାଜ ପାଇଁ ତାହା ମୁଁ ଜାଣିନି, କିନ୍ତୁ ସରକାରୀ ପକ୍ଷରୁ ଲଗାଯାଇଥିବାରୁ ସମସ୍ତଙ୍କ ପାଇଁ ହେବା ଉଚିତ ବୋଲି କହିଛନ୍ତି। ଏ ନେଇ ତଦନ୍ତ କରିବା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ସୁନାବେଡ଼ା ପୋଷ୍ଟ ମାଷ୍ଟରଙ୍କ ଅବସର



ପୋଷ୍ଟ ମାଷ୍ଟରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସୁନାବେଡା,୩୦।୪(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ହାଲ ସହରାଞ୍ଚଳରେ ଥିବା ଡାକ ବିଭାଗ ପୋଷ୍ଟ ମାଷ୍ଟର ବିଜୟଲକ୍ଷ୍ମୀ ପାଣିଗ୍ରାହୀ ଅବସର ଗ୍ରହଣ କରିଛନ୍ତି। ସେ ୪୨ ବର୍ଷ ହେବ ଡାକ ବିଭାଗର ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟ କରିଛନ୍ତି। କିଛିବର୍ଷ ହେବ ହାଲ ପୋଷ୍ଟ ଅଫିସରେ ପୋଷ୍ଟ ମାଷ୍ଟର ଭାବେ ଦାୟିତ୍ୱ ତୁଲାଇଥିଲେ। ବିଭାଗର ଅନ୍ୟ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ସଭାରେ ଅବସରପ୍ରାପ୍ତ ପୋଷ୍ଟମାଷ୍ଟର କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରମୋଦ କୁମାର ପାଣିଗ୍ରାହୀ, କର୍ମଚାରୀ ବସନ୍ତ କୁମାର ସାହୁ, ଦେଓ ଜି ଗଣ୍ଡ, ସୁରେଶ କୁମାର ମଲ୍ଲିକ ହେନା ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ।

## କମାର ସମାଜର ନୂତନ କର୍ମକର୍ତ୍ତା ଚୟନ

କୁନ୍ଦୁରା,୩୦।୪(ସନ୍ତୋଷ ପ୍ରହରାଜ)



ବୈଠକରେ ଉପସ୍ଥିତ କମାର ସମାଜର ନୂତନ କର୍ମକର୍ତ୍ତାମାନେ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଆସନା ପଞ୍ଚାୟତ ପଖନାଗୁଡ଼ାରେ କମାର ସମାଜର ବ୍ଲକ୍‌ସ୍ତରୀୟ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ଧନୁର୍ଜୟ କମାରଙ୍କ ଅଧ୍ୟକ୍ଷତାରେ ସାମାଜର ବ୍ଲକସ୍ତରୀୟ ପରିଚାଳନା କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ ବୁଦ୍ଧୁ କମାର, ଉପସଭାପତି ସୁନାଧର କମାର, ସମ୍ପାଦକ କମାର, ସହସମ୍ପାଦକ ଗଣି ନାୟକ, କୋଷାଧ୍ୟକ୍ଷ ସଦନ କମାର ଏବଂ କମିଟିର ଉପଦେଷ୍ଟା, ପରାମର୍ଶଦାତା ଭାବେ ଆଇନଜୀବୀ ବିଶ୍ୱଜିତ ନାୟକ ଓ ଅନ୍ୟମାନଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ଓ ପରାମର୍ଶଦାତାଙ୍କ ପରାମର୍ଶ କ୍ରମେ ସମାଜର ଉନ୍ନତି ଦିଗରେ ପରିଚାଳନା କମିଟି କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ହୋଇଛି। ଉପଦେଷ୍ଟା ମନୋହର କମାର ଧନ୍ୟବାଦ ଦେଇଥିଲେ।

## ମୃତ ଆଶାକର୍ମୀଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ

କୋରାପୁଟ, ୩୦।୪(ଅମିତାଭ ବେହେରା)

କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ ଟ୍ରକ୍ ଧକ୍କାରେ ମୃତ ଆଶାକର୍ମୀ କରିସ୍ମା ବାଗଙ୍କ ପରିବାର ଲୋକଙ୍କୁ ଅନୁକମ୍ପା ରାଶି ପ୍ରଦାନ କରାଯାଇଛି। କୋରାପୁଟ ତହସିଲଦାର ସୟଦ ସବୀର ଶାହା କରିସ୍ମାଙ୍କ ବାପା ପ୍ରଭାସ ବାଗଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୦ହଜାର ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିଛନ୍ତି । ଦାମନଯୋଡ଼ି ଆଇଆଇସି ପରମାନନ୍ଦ ସୁନାନୀ, ସ୍ୱାସ୍ଥ୍ୟ ଅଧିକାରୀ ମାଥାଲପୁଟ ଶେଖ ସକୌତ ପରିବାର ଲୋକଙ୍କୁ ଭେଟିଥିଲେ ।

## ଶିକ୍ଷକଙ୍କୁ ମିଳିଲା ଇନ୍‌କ୍ରିମେଣ୍ଟ

ନବରଙ୍ଗପୁର, ୩୦।୪(ସଦାଶିବ ପ୍ରହରାଜ)

**ହାଇକୋର୍ଟଙ୍କ ନିର୍ଦ୍ଦେଶ ମାନିଲେ ବିଇଓ**

ଶିକ୍ଷକଙ୍କୁ ବିଳମ୍ବରେ ହେଲେ ମଧ ନ୍ୟାୟ ମିଳିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଶିକ୍ଷକ ଅଶ୍ୱିନୀ କୁମାର ପ୍ରଧାନଙ୍କୁ ବିଇଓ କାର୍ଯ୍ୟାଳୟ ପକ୍ଷରୁ ଇନ୍‌କ୍ରିମେଣ୍ଟ ପ୍ରଦାନ କରାଯାଇଛି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମିଥ୍ୟା ମାମଲାକୁ ନେଇ ଶିକ୍ଷକଙ୍କ ବିରୋଧରେ ଚାଲିଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ବିଇଓ ପ୍ରତ୍ୟାହାର କରି ନେଇଛନ୍ତି। ଏନେଇ ନନ୍ଦାହାଣ୍ଡି ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ମେମୋ ନଂ ୬ରେ ସୂଚନା ଦିଆଯାଇଛି। ବିଭାଗୀୟ ତଦନ୍ତରେ ମଧ ଶିକ୍ଷକ ଛାତ୍ରଙ୍କୁ ମାଡ଼ ମାରିଥିବା ନେଇ କୌଣସି ପ୍ରମାଣିତ ହୋଇପାରି ନ ଥିବାରୁ ନିଲମ୍ବିତ ସମୟକୁ ନିୟମିତ ଭାବେ ସେବା କାର୍ଯ୍ୟ ଭାବେ ଧରାଯିବ ଓ କୌଣସି ଆର୍ଥିକ ସୁବିଧାରୁ ଶିକ୍ଷକ ଆଉ ବଞ୍ଚିତ ହେବେନାହିଁ ବୋଲି ବିଇଓ ଚିଠିରେ ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଯେ, ୨୦୨୫ ମାର୍ଚ୍ଚ ୨୬ରେ ନନ୍ଦାହାଣ୍ଡି ବ୍ଲକ ବି.ମାଲିଗୁଡା ଉନ୍ନୀତ ଉଚ୍ଚବିଦ୍ୟାଳୟ ଶିକ୍ଷକ ଅଶ୍ୱିନୀ କୁମାର ପ୍ରଧାନ ଜଣେ ଛାତ୍ରଙ୍କୁ ମାଡ଼ ମରିଥିବା ଅଭିଯୋଗ ହୋଇଥିଲା। ଶିକ୍ଷକଙ୍କ ମାଡ଼ରେ ଛାତ୍ରଙ୍କ କାନରୁ ରକ୍ତସ୍ରାବ ହେବା ସହ ଶୁଭୁ ନ ଥିବା ଅଭିଯୋଗ କରି ନବରଙ୍ଗପୁର ଥାନାରେ ଛାତ୍ରଙ୍କ ଅଭିଭାବକ ଏତଲା ଦେଇଥିଲେ। ଏହି ଘଟଣାରେ ବିଇଓ ତୁରନ୍ତ ଶିକ୍ଷକଙ୍କୁ ନିଲମ୍ବିତ କରିବା ସହିତ ତାଙ୍କ ଇନ୍‌କ୍ରିମେଣ୍ଟ ବନ୍ଦ କରିଦେଇଥିଲେ। ଅନ୍ୟପକ୍ଷରେ ଶିକ୍ଷକ ହାଇକୋର୍ଟରେ ତାଙ୍କ ବିରୋଧରେ ମିଥ୍ୟା ମାମଲା ହୋଇଥିବା ନେଇ ନ୍ୟାୟ ପାଇଁ ଦ୍ୱାରସ୍ଥ ହୋଇଥିଲେ। ଏହା ପରେ ଛାତ୍ରଙ୍କୁ ମାଡ ମାରିବା ଘଟଣାରେ ପୋଲିସ ଓ ଡିଏଲ୍‌ଏସ୍ ତଦନ୍ତ ପରେ ମାମଲା ମିଥ୍ୟା ବୋଲି ରିପୋର୍ଟ ପ୍ରଦାନ ପରେ ହାଇକୋର୍ଟ ଶିକ୍ଷକଙ୍କ ବିରୋଧରେ ଚାଲିଥିବା ଅପରାଧିକ ମାମଲାକୁ ରଦ୍ଦ କରିଦେଇଥିଲେ। ବିଇଓଙ୍କୁ ତୁରନ୍ତ ଶିକ୍ଷକଙ୍କ ଉପରୁ ନିଲମ୍ବନ ଆଦେଶ ହଟାଇ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷକଙ୍କ ବିରୋଧରେ ମାମଲା ରଦ୍ଦ ହେବା ପରେ ତାଙ୍କ ଉପରୁ ନିଲମ୍ବନ ଆଦେଶକୁ ବିଇଓ ପ୍ରତ୍ୟାହାର କରିନେଇଥିଲେ। କିନ୍ତୁ ଇନ୍‌କ୍ରିମେଣ୍ଟ ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରତିବନ୍ଧକ ରହିଥିଲା। ଏନେଇ ପୁଣି ଶିକ୍ଷକ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବିଇଓଙ୍କୁ ୭ ଦିନ ମଧ୍ୟରେ ପୂର୍ବ ନିର୍ଦ୍ଦେଶକୁ ପାଳନ କରିବାକୁ ନିର୍ଦ୍ଦେଶ ଦେବା ସହିତ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ସେଭଳି ବିଇଓଙ୍କ ନିର୍ଦ୍ଦେଶ ପାଳନ କରିଥିବା ସୂଚନାକୁ ୧୦ ଦିନ ମଧ୍ୟରେ ହାଇକୋର୍ଟଙ୍କୁ ଇ-ମେଲ ମାଧ୍ୟମରେ ସୂଚିତ କରିବାକୁ ଏସ୍‌ପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ଜମା ଦେବା ସତ୍ତ୍ୱେ ନଳକୂପ ଖନନ ନ ହେବା ଅଭିଯୋଗ

**ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ**

କୋରାପୁଟ,୩୦।୪(ଅମିତାଭ ବେହେରା)

ଚାଷ ଜମିରେ ନଳକୂପ ଖନନ ପାଇଁ ୨୦ ହଜାର ଟଙ୍କା ଲେଖାଏ ଜମା ଦେଇଥିବା ସତ୍ତ୍ୱେ ଜମିରେ ଗଭୀର ନଳକୂପ ଖନନ ନ ହେବା ଅଭିଯୋଗ କରି କୋରାପୁଟ ଜିଲା କୋଟପାଡ଼ ବ୍ଲକ ଅଧୀନ ଛତର୍ଲା ପଞ୍ଚାୟତର ଚାଷୀମାନେ ଜିଲାପାଳଙ୍କ ଦ୍ୱାରସ୍ତ ହୋଇ ଗୁରୁବାର ଦାବିପତ୍ର ପ୍ରଦାନ କରିଛନ୍ତି। ଛତର୍ଲା ପଞ୍ଚାୟତର ବିଭିନ୍ନ ଗ୍ରାମର ୨୩ ଚାଷୀ ନିଜ ଜମିରେ ନଳକୂପ ଖନନ ପାଇଁ ୨୦ ହଜାର ଟଙ୍କା କରି ଜମା କରିଥିଲେ। କିନ୍ତୁ ଦୀର୍ଘଦିନ ହେବ ଖନନ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ସହ ଜମା ଟଙ୍କା ମଧ୍ୟ ଫେରସ୍ତ ହୋଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ କୋଟପାଡ଼ରେ ଆୟୋଜିତ ମିଳିତ ଅଭିଯୋଗ ଶୁଣାଣିରେ ଚାଷୀମାନେ ଅଭିଯୋଗ କରିଥିଲେ। କୌଣସି ପଦକ୍ଷେପ ଗ୍ରହଣ ନ ହେବାରୁ ସେମାନେ ପୁଣି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତୁରନ୍ତ ଗଭୀର ନଳକୂପ ଖନନ କରିବା ସହ ଚାଷୀମାନଙ୍କ ଅସୁବିଧା ଦୂର କରିବାକୁ ଦାବି କରାଯାଇଛି। ଏହି ସମୟରେ ରମେଶ ନାୟକ, ବୈଦ୍ୟନାଥ ଦୁରୁଆ,ପ୍ରଫୁଲ୍ଲ ଦୁରୁଆ, ବଳି ନାୟକ, ନାରାୟଣ ଦୁରୁଆ ପ୍ରମୁଖ ଉପସ୍ଥିତ ଥିଲେ।




ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ।

